# NATIONAL NEWS BULLETIN (ODIA)

**29 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନରେ  ବଜେଟ୍ ଆଲୋଚନା ଜାରି ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା **ବିକଶିତ ଭାରତ ଅଭିମୁଖେ ଯାତ୍ରା କେନ୍ଦ୍ରୀୟ ବଜେଟ୍-୨୦୨୪-୨୫ ପରବର୍ତ୍ତୀ ସ୍ଥିତି** ସମ୍ମିଳନୀକୁ କରିବେ ସମ୍ବୋଧନ  ।

- ଜାପାନର ଟୋକିଓ ଠାରେ କ୍ୱାଡ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଜାରି ।

- ବିହାରରେ  ଜାତିଭିତ୍ତିକ ସଂରକ୍ଷଣ ସଂକ୍ରାନ୍ତ ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ  କୌଣସି ଅନ୍ତରୀଣ ଆଦେଶ ଦେବାକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ ।

ଏବଂ

- ବ୍ୟାଡମିଣ୍ଟନ ପୁରୁଷ ମିଳିତ ବର୍ଗ ପ୍ରତିଯୋଗିତାରେ ସାତ୍ତ୍ୱିକ ସାଇରାଜ ଏବଂ ଚିରାଗଙ୍କ ଯୋଡ଼ି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ

## ପାର୍ଲାମେଣ୍ଟ ଟୁଡେ

ସଂସଦର ଉଭୟ ସଦନରେ ଆଜି ବଜେଟ୍ ଆଲୋଚନା ଚାଲିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ୨୩ ତାରିଖରେ ସଂସଦରେ ବଜେଟ୍ ଉପସ୍ଥାପନ କରିଥିଲେ । ବଜେଟ୍ ଉପରେ ଶାସକ ଏବଂ ବିରୋଧୀ ପକ୍ଷରୁ ଭିନ୍ନଭିନ୍ନ ମତ ଉପସ୍ଥାପନ କରାଯାଇଥିଲା ।

---

## ଏସ୍‌ସି-ବିହାର ରିଜର୍ଭେସନ

ବିହାରରେ ଚାକିରି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୬୫ ପ୍ରତିଶତ ଜାତିଭିତ୍ତିକ ସଂରକ୍ଷଣକୁ ପାଟନା ହାଇକୋର୍ଟ ରଦ୍ଦ କରିବା ଉପରେ କୌଣସି ଅନ୍ତରୀଣ ଆଦେଶ ଦେବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି । ପାଟନା ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ବିହାର ସରକାରଙ୍କ ପକ୍ଷରୁ ଆଗତ ଆବେଦନରେ ସୁପ୍ରିମକୋର୍ଟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି ।

ସୂଚନାଯୋଗ୍ୟ ବିହାର ସରକାରଙ୍କ ଚାକିରି ଏବଂ ଉଚ୍ଚଶିକ୍ଷାନୁଷ୍ଠାନରେ ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ରୁ ୬୫ ପ୍ରତିଶତକୁ ବୃଦ୍ଧି ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରିଥିଲେ । ଏହା ବିରୁଦ୍ଧରେ ଆଗତ ଆବେଦନର ଶୁଣାଣି କରି ଗତମାସରେ ପାଟନା ହାଇକୋର୍ଟ ଏହି ବିଜ୍ଞପ୍ତିକୁ ରଦ୍ଦ କରିଥିଲେ ।

---

## ସିବିଆଇ-କେଜରିୱାଲ

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ  ଆଜି ଚାର୍ଜସିଟ୍ ଦାଖଲ କରିଛି । ଦିଲ୍ଲୀର ରାଉଜ୍ ଆଭେନିଉ କୋର୍ଟରେ ଚାଲିଥିବା ମଦ ଦୁର୍ନୀତି ମାମଲାରେ ସିବିଆଇ ଏହି ଚାର୍ଜସିଟ୍ ଦାଖଲ କରିଛି । ଗତମାସ ୨୬ ତାରିଖରେ ଶ୍ରୀ କେଜରିୱାଲଙ୍କୁ ସିବିଆଇ ଗିରଫ କରିଥିଲା ।  ବେଆଇନ ଅର୍ଥ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ତିହାର ଜେଲ୍‌ରେ ବିଚାରବିଭାଗୀୟ ହାଜତରେ ଥିବା ଶ୍ରୀ କେଜରିୱାଲଙ୍କୁ ସିବିଆଇ ମଦ ଦୁର୍ନୀତି ମାମଲାରେ ଗିରଫ କରିଥିଲା ।

---

## ପିଏମ୍-ବଜେଟ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା **ବିକଶିତ ଭାରତ ଅଭିମୁଖେ ଯାତ୍ରା କେନ୍ଦ୍ରୀୟ ବଜେଟ୍-୨୦୨୪-୨୫ ପରବର୍ତ୍ତୀ ସ୍ଥିତି** ସମ୍ମିଳନୀକୁ ସମ୍ବୋଧନ କରିବେ । ଭାରତୀୟ ଶିଳ୍ପ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଶିଳ୍ପକ୍ଷେତ୍ରର ଯୋଗଦାନ । ବିଭିନ୍ନ କ୍ଷେତ୍ରରୁ ଏହି ସମ୍ମିଳନୀରେ ୧ ହଜାରରୁ ଅଧିକ ବିଶେଷଜ୍ଞ ଯୋଗଦେବେ ।

---

## ଆର୍‌ଏସ୍-କୋଚିଂ

ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି କୋଚିଂ ସେଣ୍ଟର ଗୁଡ଼ିକ ଏକପ୍ରକାର ବ୍ୟବସାୟିକ କେନ୍ଦ୍ରରେ ପରିଣତ

ହୋଇଛି । ରାଜ୍ୟସଭା ବୈଠକ ଆଜି ଆରମ୍ଭ ହେବା ମାତ୍ରେ ଶ୍ରୀ ଧନଖଡ଼ ଦିଲ୍ଲୀ କୋଚିଂ ସେଣ୍ଟରରେ ବର୍ଷା ଜଳ ଯୋଗୁଁ ବୁଡ଼ି ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ବିଷୟ ଉଲ୍ଲେଖ କରି ଏହି କଥା କହିଛନ୍ତି । ସେ କହିଛନ୍ତି ପ୍ରତ୍ୟେକ ଦିନ କୋଚିଂ ସେଣ୍ଟର ସଂକ୍ରାନ୍ତୀୟ ବିଜ୍ଞାପନ ଖବର କାଗଜରେ ପ୍ରମୁଖ ସ୍ଥାନ ଅଧିକାର କରିଥାଏ । ଏହି ପ୍ରସଙ୍ଗରେ ଆଲୋଚନା ତଥା ଦୃଷ୍ଟିଆକର୍ଷଣ କରାଯିବା ଉଚିତ ବୋଲି ଶ୍ରୀ ଧନଖଡ଼ ଗୃହରେ କହିଥିଲେ । ସବୁ ରାଜନୈତିକ ଦଳର ନେତାଙ୍କ ସହ ଏହି ପ୍ରସଙ୍ଗ ନେଇ ଆଲୋଚନା କରାଯିବ ବୋଲି ସେ କହିଥିଲେ ।

## ଦିଲ୍ଲୀ କୋଚିଂ ସେଣ୍ଟର ମାମଲା

ଦିଲ୍ଲୀ କୋଚିଂ ସେଣ୍ଟର ଛାତ୍ର ବୁଡ଼ି ଘଟଣାରେ ଜାତୀୟ ମହିଳା କମିଶନ ନିଜ ଆଡ୍ଡୁ ମାମଲାକୁ ତଦନ୍ତ ପାଇଁ ଗ୍ରହଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ କମିଶନ ପକ୍ଷରୁ କୁହାଯାଇଛି ଯେ ଆସନ୍ତାମାସ ୨ ତାରିଖରେ ଏହି ମାମଲାର ଶୁଣାଣି କରାଯିବ । ରାଜିନ୍ଦରନଗର ବିଧାୟକ ଦୁର୍ଗେଶ ପାଠକଙ୍କୁ ନୋଟିସ୍ ଜାରି କରାଯିବା ସହ ସେହିଦିନ କମିଶନଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ନୋଟିସର ବିରୁଦ୍ଧାଚରଣ ହେଲେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନ କହିଛନ୍ତି। କୋଚିଂ ସେଣ୍ଟର ବର୍ଷା ଜଳ ବୁଡ଼ି ଘଟଣାରେ ମୃତ୍ୟୁ ହୋଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣ ଛାତ୍ରୀ ରହିଛନ୍ତି ।

ନୂଆଦିଲ୍ଲୀର ପୁରୁଣା ରାଜିନ୍ଦରନଗର ଅଞ୍ଚଳର ୧୩ଟି ୟୁପିଏସ୍‌ସି କୋଚିଂ ସେଣ୍ଟରର ବେସ୍‌ମେଣ୍ଟକୁ ଦିଲ୍ଲୀ ମହାନଗର ନିଗମ-ଏମ୍‌ସିଡି ସିଲ୍ କରିଦେଇଛି । ଏମ୍‌ସିଡି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ

ବେସ୍‌ମେଣ୍ଟରେ ଚାଲୁଥିବା ୩ଟି କୋଚିଂ ସେଣ୍ଟରକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏହି ଘଟଣାରେ ଦିଲ୍ଲୀ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀରେ ଛାତ୍ରବୁଡ଼ି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦିଲ୍ଲୀ ମେୟର ସେଲି ଓବ୍ରାୟଙ୍କ ବାସଭବନ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

---

## କ୍ୱାଡ ବୈଠକ

ଜାପାନର ଟୋକିଓ ଠାରେ କ୍ୱାଡ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଜାରି ରହିଛି । ଏଥିରେ ଭାରତ ସମେତ ଜାପାନ, ଆମେରିକା ଏବଂ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀମାନେ ଅଂଶ ଗ୍ରହଣ କରିଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବୈଠକକୁ ସମ୍ବୋଧନ କରି କହିଛନ୍ତି ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଲୋକଙ୍କ ଜୀବନଧାରଣର ମାନରେ ଅଧିକ ପରିବର୍ତ୍ତନ ଆଣିଛି । ବିଶ୍ୱ ଏକ ପୁନଃ ଜଗତିକରଣର ସମ୍ମୁଖୀନ ହୋଇଛି । ରାଜନୈତିକ, ଗଣତାନ୍ତ୍ରିକ, ସାମାଜିକ ଏବଂ ବଜାର ଅର୍ଥନୀତିର ନିୟମ ଭିତ୍ତିକ ଶୃଙ୍ଖଳା ବଜାୟ ରଖିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଭାରତ-ପ୍ରଶାନ୍ତମହାସାଗରୀ ଅଞ୍ଚଳକୁ ସୁରକ୍ଷିତ ତଥା ସମୃଦ୍ଧ କରିବାରେ କ୍ୱାଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ଏହି ବୈଠକ ଅବସରରେ ଗତବର୍ଷ ସେପ୍ଟେମ୍ବରରେ ନିଉୟର୍କ ଠାରେ ଅନୁଷ୍ଠିତ କ୍ୱାଡ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନର ଆଲୋଚନା ହେବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ବିକାଶ ଉପରେ ଏହି ବୈଠକରେ ବୈଦେଶିକମନ୍ତ୍ରୀମାନେ ନିଜର ମତ ଉପସ୍ଥାପନ କରିବେ ।

ଏହି ବୈଠକ ଅବସରରେ ଆଜି ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆ ପ୍ରତିପକ୍ଷ ପେନୀ ୱ୍ୱଙ୍ଗ୍ ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମଧୁମେହ ରୋଗର ଚିକିତ୍ସା ଓ ନିରାକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍ସ ନୂଆଦିଲ୍ଲୀର ଏଣ୍ଡୋକ୍ରାଇମୋଲୋଜି ବିଭାଗର ପ୍ରଫେସର ଡାକ୍ତର ରାଜେଶ ଖଡଗାୱ୍ୱତ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

---

## ବ୍ୟାଘ୍ର ସଂରକ୍ଷଣ

ଆନ୍ତର୍ଜାତିକ ବ୍ୟାଘ୍ର ସଂରକ୍ଷଣ ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ପରିବେଶ ସନ୍ତୁଳନ ରକ୍ଷା ଏବଂ ପ୍ରାକୃତିକ ଉପାୟରେ

ବାଘଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ବିଶ୍ୱ ବନ୍ୟଜନ୍ତୁ ପାଣ୍ଠି ଦେଇଥିବା ସୂଚନା ଅନୁଯାୟୀ ଭାରତରେ ବ୍ୟାଘ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ୧୯୭୩ ମସିହାରେ ବାଘ ସଂରକ୍ଷଣ ପାଇଁ ଭାରତରେ ପଦକ୍ଷେପ ନିଆଯାଇଥିଲା । ଏବଂ ପ୍ରୋଜେକ୍ଟ ଟାଇଗର ପ୍ରକଳ୍ପ ଆରମ୍ଭ ହୋଇଥିଲା । ଜାତୀୟ ବାଘ ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ବିଶ୍ୱର ୮୦ ପ୍ରତିଶତ ବାଘ ଭାରତରେ ଥିବା ଜଣାପଡ଼ିଛି ।

ନୂଆଦିଲ୍ଲୀଠାରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ୨୫ତମ ବୈଠକ ଆଜି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନୀ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ମନ୍ତ୍ରୀ ଶ୍ରୀ ଯାଦବ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଯୋଗ ଦେଇଥିଲେ ।

---

# ଅଲମ୍ପିକ୍ସ

ବ୍ୟାଡମିଣ୍ଟନ ପୁରୁଷ ମିଳିତ ବର୍ଗ ପ୍ରତିଯୋଗିତାରେ ସାତ୍ତ୍ୱିକ ସାଇରାଜ ଏବଂ ଚିରାଗଙ୍କ ଯୋଡ଼ି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଜର୍ମାନୀର ମର୍ଭିନ୍ ସିଏଡେଲ୍ ଏବଂ ମାର୍କ ଲାମ୍ସଫସ୍ଙ୍କ ବିରୁଦ୍ଧରେ ତାଙ୍କର ହେବାକୁ ଥିବା ମ୍ୟାଚ୍ ବାତିଲ ହୋଇଯାଇଛି । ଆଣ୍ଠୁରେ ଆଘାତ ଯୋଗୁଁ ମାର୍କ ମ୍ୟାଚ୍‌ରୁ ଓହରି ଯାଇଥିଲେ ବୋଲି ବିଶ୍ୱ ବ୍ୟାଡମିଣ୍ଟନ ଫେଡେରେସନ୍ ସୂଚନା ଦେଇଛି । ଏହି ଭାରତୀୟ ଯୋଡ଼ି ଆସନ୍ତାକାଲି ଇଣ୍ଡୋନେସିଆର ଯୋଡ଼ିଙ୍କୁ ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ଟେନିସ୍ ଏକକ ବର୍ଗର ଦ୍ୱିତୀୟ ପର୍ଯ୍ୟାୟରେ ସୁମିତ ନାଗଲ ପ୍ରବେଶ କରିଛନ୍ତି । ଗତକାଲିର ମ୍ୟାଚ୍‌ରେ ସୁମିତ ଫ୍ରାନ୍ସର ପ୍ରତିପକ୍ଷଙ୍କୁ ପରାସ୍ତ କରିଥିଲେ । ଟେବୁଲ୍ ଟେନିସ୍‌ରେ ଭାରତକୁ ମିଶ୍ରିତ ଫଳ ମିଳିଛି । ମହିଳା ଏକକ ବର୍ଗରେ ମାନିକା ବାତ୍ରା ଏବଂ ଶ୍ରୀଜା ଆକୁଲା ବିଜୟ ହୋଇଥିବା ବେଳେ  ଅଚନ୍ତ ଶରତକମଲ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି । ମହିଳା ବକ୍ସିଂ ପ୍ରତିଯୋଗିତାରେ ଜରିନ ନିଖତ୍ ୫୦ କିଲୋଗ୍ରାମ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲ୍ କର୍ଯ୍ୟାୟରେ ପ୍ରବେଶ କହିଛନ୍ତି । ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ଏଚ୍.ଏସ୍. ପ୍ରଣୟ ଗତକାଲି ଅନୁଷ୍ଠିତ ପ୍ରାରମ୍ଭିକ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି । ନୌଚାଳନା ପ୍ରତିଯୋଗିତାରେ ବଲରାଜ ପନୱାର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି ।

---